୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ




## ଗଜପତି ଛକରେ ଅଟକିଲା ପୂର୍ବତନ କଂଗ୍ରେସମନ୍ତ୍ରୀଙ୍କ ପ୍ରତିମୂର୍ତ୍ତି କାମ: ପ୍ରଶାସନର କାର୍ଯ୍ୟାନୁଷ୍ଠାନକୁ କଂଗ୍ରେସର ବିରୋଧ




ରାୟଗଡ଼ା,(ପି.ଏନ): ରାୟଗଡ଼ା ଗଜପତି ଛକ ନିକଟରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ରାମଚ଼ନ୍ଦ୍ର ଉଲାକାଙ୍କ ପ୍ରତିମୂର୍ତ୍ତି ନିର୍ମାଣ କାର୍ଯ୍ୟ ମଙ୍ଗଳବାର ହଠାତ୍ ବନ୍ଦ ହୋଇଯାଇଛି । ତହସିଲ ଓ ପୌର ପ୍ରଶାସନ ପକ୍ଷରୁ କାମ ଉପରେ ରୋକ୍ ଲଗାଯିବା ପରେ ଏହାକୁ ନେଇ ଶାସକ ଓ ବିରୋଧୀ ଦଳ ମଧ୍ୟରେ ବାକ୍ ?ଯୁଦ୍ଧ ଆରମ୍ଭ ହୋଇଛି ।ଏନେଇ ବୁଧବାର ସ୍ଥାନୀୟ ପ୍ରଦିକ୍ଷଣ ଗୃହରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ତଥା ବିଧାୟକ ଆପଲସ୍ୱାମୀ କାଡ୍ରାକା କ୍ଷୋଭ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ସ୍ୱର୍ଗତ ଉଲାକା ୭ ଥର ବିଧାୟକ ଓ ୨ ଥର ସାଂସଦ ରହି ଅବିଭକ୍ତ କୋରାପୁଟ ଜିଲ୍ଲାର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ତାଙ୍କ ପ୍ରତିମୂର୍ତ୍ତି ପାଇଁ ପୌର ପରିଷଦରେ ରିଜ୍ୟୁଲେସନ ପାସ୍ ହୋଇସାରିଛି । ତଥାପି ବିଜେପି ରାଜନୈତିକ ଉଦ୍ଦେଶ୍ୟ ରଖି ପ୍ରଶାସନ ଉପରେ ଚ଼ାପ ପକାଉଛି ।ଅପରପକ୍ଷରେ ବିଜେପି ନେତା କାଳୀରାମ ମାଝି କଂଗ୍ରେସର ଯୁକ୍ତିକୁ ଖଣ୍ଡନ କରିଛନ୍ତି । ତାଙ୍କ କହିବା ମୁତାବକ, ଉକ୍ତ ସ୍ଥାନଟି ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ପାଇଁ ଉଦ୍ଦିଷ୍ଟ ଥିଲା, ତେଣୁ ସେଠାରେ କଂଗ୍ରେସ ନେତାଙ୍କ ମୂର୍ତ୍ତି ସ୍ଥାପନ ଗ୍ରହଣୀୟ ନୁହେଁ ।

## ସରସ୍ୱତୀ କଳା ପରିଷଦ ପକ୍ଷରୁ ତିନି ଦିନିଆ ପ୍ରତିଭା ମହୋତ୍ସବ ନେଇ ପ୍ରସ୍ତୁତି ବୈଠକ

ଫୁଲନଖରା,(ପି.ଏନ): ଅଗ୍ରଣୀ ସାଂସ୍କୃତିକ ତଥା ସାମାଜିକ ସଂଗଠନ ସରସ୍ୱତୀ କଳା ପରିଷଦ କନ୍ଦରପୁର ୨୨ ତମ ବାର୍ଷିକ ଉତ୍ସବ ନେଇ ପ୍ରସ୍ତୁତି ବୈଠକ କଇଜଙ୍ଗା ମହାବୀର ପୀଠରେ ଅନୁଷ୍ଠିତ ହୋଇଯାଇଛି । ପରିଷଦ ସଭାପତି ପ୍ରତିଭା ଶତପଥୀଙ୍କ ପୌରିହିତ୍ୟରେ ଆୟୋଜିତ ବୈଠକରେ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପ ସଭାପତି ପ୍ରଧାପକ ପ୍ରଫୁଲ୍ଲ ଦାସ ମଂଚ଼ ପରିଚ଼ାଳନା କରିଥିଲେ । ପ୍ରାରମ୍ଭରୁ ମହାବୀରଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇ ପରେ ପୂର୍ବତନ ସଂଯୋଜକ ସାମ୍ବାଦିକ ଚ଼କ୍ରବର୍ତ୍ତୀ ଓତାଙ୍କ ବିୟୋଗରେ ନୀରବ ପାର୍ଥନା କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ସାଂସ୍କୃତିକ ସମ୍ପାଦକ ତୈତାରୀ ପ୍ରଧାନ, ଉପଦେଷ୍ଟା ଅଧ୍ୟାପକ ବସୁଦେବ ସ୍ୱାଇଁ,ସୌଭାଗ୍ୟ ବାରିକ,ବୀରବର ରାଉତ,ଭଗବାନ ପୃଷ୍ଟି,କଳାକାର ଅଜୟ ଭୂୟାଁ,ରଶ୍ମୀ ରଂଜନ ରାଉଳ,ଚ଼କ୍ରଧର ମହାଳୀ,ରାଜା ମହାନ୍ତି,ଚୈତନ୍ୟ ନାୟକ, ପିଂଟୁ ନାୟକ,ରାଜେନ୍ଦ୍ର ରଣା,କୋଷାଧକ୍ଷ ଇଂ.ସେବକ ଶ୍ରୀକାନ୍ତ,ଅଭିଭାବକ ଅଭିଭାବିକା ପ୍ରମୁଖ ଉପସ୍ଥିତ ଥିଲେ । ଏହି ବାଇଶ ତମ ବାର୍ଷିକ ଉତ୍ସବ ଚ଼ଳିତ ମାସ ଡିସେମ୍ବର ୨୬ ଠାରୁ ୨୮ ପର୍ଯ୍ୟନ୍ତ ତିନିଦିନ ଧରି କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେବା ସହ ପ୍ରତିଭା ସମ୍ମାନ ସମାରୋହ,ସାହିତ୍ୟ ସଭା,ସାଂସ୍କୃତିକ କାର୍ଯ୍ୟକ୍ରମ,ବିଦ୍ୟାଳୟ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା,ସେବାକାର୍ଯ୍ୟ,ପତ୍ର ପତ୍ରିକା ଉନ୍ମୋଚ଼ନ ଆଦି ବହୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ଆଲୋଚ଼ନା କରା ଯାଇଥିଲା । ଆଗ୍ରହୀ ବିଦ୍ୟାର୍ଥୀ ବା ପ୍ରତିଯୋଗୀ ମାନେ ପରିଷଦ କାର୍ଯ୍ୟାଳୟ ଦୂରଭାଷ ନମ୍ବର ୯୮୬୧୮୮୪୪୮୩/ ୯୦୯୦୦୨୦୪୨୯/ ୯୮୧୯୪୮୮୯୫୪/ନମ୍ବରରେ ଯୋଗଗୋଗ କରିପାରିବେ । ଶେଷ ଦିନ ୨୮ ଡିସେମ୍ବର (ରବିବାର) ଉଜ୍ଜାପନି ସନ୍ଧ୍ୟାରେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଗୁରୁ ଅଶୋକ କୁମାର ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ ପରିଷଦର କାର୍ଯ୍ୟକର୍ତ୍ତା ଓ ସରସ୍ୱତୀ ସଂଗୀତ ବିଦ୍ୟାଳୟର ବିଦ୍ୟାର୍ଥିଙ୍କ ଦ୍ୱାରା ସାମାଜିକ ନାଟକ 'ମୁଖା ପିନ୍ଧା ମଣିଷ' ମଂସ୍ଥ ହେବାର ଯୋଜନା ରହିଛି । ବୈଠକରେ ସହ ସାଂସ୍କୃତିକ ସମ୍ପାଦକ ଭାବେ ନୃତ୍ୟଶିଳ୍ପୀ ଶୁଭାକାଙ୍କ୍ଷୀ ଭୋଇ,ସଂଯୋଜକ ଭାବେ କଣ୍ଠଶିଳ୍ପୀ ଇଂ. ଅମିୟ ରଂଜନ ପଟ୍ଟନାୟକଙ୍କ ନାମ ଘୋଷଣା କରାଯାଇ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସହ ସମ୍ପାଦକ ପ୍ରଭାତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଠାକୁର ଶ୍ରୀ ଶ୍ରୀ ଅନୁକୂଳଚ଼ନ୍ଦ୍ରଙ୍କ ୧୩୮ତମ ଜନ୍ମ ମହୋତ୍ସବ ପାରାଦୀପରେ ସମାରୋହରେ ପାଳିତ

ପାରାଦୀପ,(ପି.ଏନ): ପାରାଦୀପ ସତସଙ୍ଗ ପକ୍ଷରୁ ଶ୍ରୀଶ୍ରୀ ଠାକୁର ଅନୁକୂଳଚ଼ନ୍ଦ୍ରଙ୍କ ୧୩୮ତମ ଶୁଭ ଜନ୍ମ ମହୋତ୍ସବ ଶନିବାର ଦିନ ଜୟଦେବ ସଦନ ଠାରେ ମହା ସମାରୋହରେ ପାଳିତ ହୋଇଯାଇଛି । ପୂଜ୍ୟପାଦ ଶ୍ରୀଶ୍ରୀ ଆଚ଼ାର୍ଯ୍ୟଦେବଙ୍କ ଅମୀୟ ଆଶିଷ ବହନ କରି ଶ୍ରୀଶ୍ରୀ ଠାକୁର ଅନୁକୂଳଚ଼ନ୍ଦ୍ରଙ୍କ ଜନ୍ମ ମହୋତ୍ସବ ତଥା ଆଂଚ଼ଳିକ ସତ୍ ?ସଙ୍ଗ ଉତ୍ସବ ପାରାଦୀପ ସ୍ଥିତ ଜୟଦେବ ସଦନ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାରାଦୀପ ପୌର ପରିଷଦ ଅଧକ୍ଷ ବସନ୍ତ ବିଶ୍ୱାଳ ଯୋଗଦେଇ ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୁରୁଚ଼ରଣ ପରିଡ଼ା, ନିରଞ୍ଜନ ପ୍ରଧାନ, ମନୋଜ କୁମାର ଦାସ, ଦିପକ ରଞ୍ଜନ ରାୟଗୁରୁ, ଅକ୍ଷୟ କୁମାର ପାଲ, ମାନସ ରଞ୍ଜନ ପ୍ରଧାନ, ଅଲେଖ ଚ଼ରଣ ଖଟୁଆ, ମନୋଜ କୁମାର ମହାନ୍ତି, ସୌଭାଗ୍ୟ କୁମାର ସ୍ୱାଇଁ, ବସନ୍ତ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ସୁଚ଼ାରୁ ରୂପେ ପରିଚ଼ାଳନା କରିଥିଲେ ।

## ଜାତୀୟ ପାରା ଜୁଡୋ ଚ଼ମ୍ପିୟନସିପ ରେ ଅଂଶଗ୍ରହଣ କରୁଥିବା ୩୫ ଜଣ ଦୃଷ୍ଟିହୀନ ଛାତ୍ରଛାତ୍ରୀ ଙ୍କୁ ଇଫକୋ ପକ୍ଷରୁ ସମ୍ବର୍ଦ୍ଧନା



ପାରାଦୀପ,(ପି.ଏନ): ଓଡ଼ିଶା ବ୍ଲାଇଣ୍ଡ ଆଣ୍ଡ ପାରା ଜୁଡୋ ଆସୋସିଏସନର ନେତୃତ୍ୱରେ ଶ୍ରୀମତୀ ଲୋପାମୁଦ୍ରା ପତିଙ୍କ ନେତୃତ୍ୱରେ ୧୪ତମ ପାରା ଜୁଡୋ ଚ଼ାମ୍ପିଅନସିପ୍ -୨୦୨୫ରେ ଅଂଶଗ୍ରହଣ କରିବା ପାଇଁ ଓଡ଼ିଶାର ବିଭିନ୍ନ ସ୍ଥାନରୁ ୩୫ ଜଣ ଦୃଷ୍ଟିହୀନ ପିଲାଙ୍କ ଏକ ଦଳ ରାଜସ୍ଥାନକୁ ଗସ୍ତ କରୁଛନ୍ତି । ଗତ ରବିବାର ଦିନ ଏହି ଅବସରରେ, ଇଫକୋ ପାରାଦୀପ ୟୁନିଟର ମୁଖ୍ୟ ପି. କେ. ମହାପାତ୍ର ଦଳକୁ ସମ୍ବର୍ଦ୍ଧିତ କରି ତାଙ୍କର ଶୁଭକାମନା ଜଣାଇଥିଲେ, ସେମାନଙ୍କ ଉତ୍ସାହ, ସମର୍ପଣ ଏବଂ ଜାତୀୟ ସ୍ତରରେ ପଦକ ଜିତିବାର ଉଲ୍ଲେଖନୀୟ ସଫଳତାକୁ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମ ସମୟରେ, ଜଣେ ଦୃଷ୍ଟିହୀନ ପିଲା ସୁନ୍ଦର ଭାବରେ ଭଗବଦ୍ ଗୀତାର ପ୍ରଥମ ଅଧ୍ୟାୟ ପାଠ କରିଥିଲେ, ଯାହାକୁ ଉପସ୍ଥିତ ସମସ୍ତ ବ୍ୟକ୍ତି ଅତ୍ୟନ୍ତ ପ୍ରଶଂସା କରିଥିଲେ । ଜୁଡୋ ଆସୋସିଏସନର ସହାୟକ କର୍ମଚ଼ାରୀମାନେ ଦୈନନ୍ଦିନ ଜୀବନରେ ଆତ୍ମବିଶ୍ୱାସ ଏବଂ ପ୍ରସ୍ତୁତିର ଗୁରୁତ୍ୱ ଉପରେ ଆଲୋକପାତ କରି ଚ଼୍ୟାଲେଞ୍ଜିଂ ପରିସ୍ଥିତିରେ ଗ୍ରହଣ କରିବାକୁ ଥିବା ଆତ୍ମରକ୍ଷା କୌଶଳ ମଧ୍ୟ ପ୍ରଦର୍ଶନ କରିଥିଲେ । ଦଳ ଆଜି ବସ୍ ଯୋଗେ ଭୁବନେଶ୍ୱର ରେଳ ଷ୍ଟେସନକୁ ଯାତ୍ରା ଆରମ୍ଭ କରିଥିଲା ??ଏବଂ ଆସନ୍ତାକାଲି ଟ୍ରେନ୍ ଯୋଗେ ରାଜସ୍ଥାନକୁ ଯାତ୍ରା କରିବ । ଏହି ଅବସରରେ, ଇଫକୋ ପାରାଦୀପ ୟୁନିଟର ମୁଖ୍ୟ ପି.କେ.ମହାପାତ୍ର ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଂଚ଼ଳିକ ଅଧିକାରୀ ପୁଷ୍କର ବେହେରା ଦଳକୁ ପତାକା ଦେଖାଇ ଅଭିଯାନର ଶୁଭାରମ୍ଭ କରି ସେମାନଙ୍କୁ ଚ଼ାମ୍ପିଅନସିପରେ ସଫଳତା ଏବଂ ଅନେକ ପଦକ କାମନା କରିଥିଲେ । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ବିଜୟ କୁମାର ପରିଡା, ଡିଜିଏମ (ପି ଆଣ୍ଡ ଏ), ପ୍ରସନ୍ନ କୁମାର ବେଉରା,ଲୋକ ସମ୍ପର୍କ ଅଧିକାରୀ,ଇଫକୋ ଏବଂ ଜୟନ୍ତ କୁମାର ଜେନା ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ପରିଚ଼ାଳନା କରିଥିଲେ । ଓଡ଼ିଶା ଦୃଷ୍ଟିହୀନ ଏବଂ ପାରା ଜୁଡୋ ଆସୋସିଏସନର ସମସ୍ତ ଅଂଶଗ୍ରହଣକାରୀ ଏବଂ ସହାୟକ କର୍ମଚ଼ାରୀଙ୍କୁ ଫଳ ପ୍ୟାକେଟ ବ[ନ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା ।

## ଗୁରୁଗ୍ରାମ ମାରୁତିକୁଞ୍ଜ ଶ୍ରୀଜଗନ୍ନାଥ ମନ୍ଦିରରେ ମହାସମାରୋହରେ ସଂକ୍ରାନ୍ତି ଉତ୍ସବ ପାଳିତ





ଭୁବନେଶ୍ୱର,(ପି.ଏନ): ଗୁରୁଗ୍ରାମ ମାରୁତିକୁଞ୍ଜସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଗତ ସୋମବାର ଦିନ ସଂକ୍ରାନ୍ତି ଉତ୍ସବ ଆନନ୍ଦ-ଉଲ୍ଲାସର ସହ ପାଳିତ ହୋଇଥିଲା । ହୁଳହୁଳି, ଜୟ ଜଗନ୍ନାଥ ଓ ହରିବୋଲ ଧ୍ୱନିରେ ମନ୍ଦିର ପରିସର ଭକ୍ତିମୟ ହୋଇଉଠିଥିଲା । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରିବା ପାଇଁ ଆଖ ପାଖରୁ ଭକ୍ତଙ୍କ ସୁଅ ଛୁଟିଥିଲା । ପୂଜକ ବିଟୁ ନନା ଓ କମଳ ନନାଙ୍କ ମନ୍ତ୍ରଧ୍ୱନିରେ ପ୍ରଭୁଙ୍କର ନିତିକାନ୍ତି ସମ୍ପୂର୍ଣ୍ଣ କରାଯାଇଥିଲା । ଏହି ଅବସରରେ, ମନ୍ଦିରରେ ପ୍ରସାଦ ସେବନର ବିଶେଷ ବ୍ୟବସ୍ଥା କରାଯାଇଥିଲା ।ମନ୍ଦିର ଅଧକ୍ଷ ସୌମ୍ୟରଞ୍ଜନ ରଥ, କୋଷାଧକ୍ଷ ସହଜି ରାଉତ, କୋର କମିଟିର ସଦସ୍ୟଗଣ ଏ. କେ. ଦାଶ, ପବିତ୍ର ରାଉତ, ଅରବିନ୍ଦ ମହାପାତ୍ର, ଅନିଲ ବୋଇତେଇ, ଏ.କେ. ମଲ୍ଲିକ, ତପନ ସ୍ୱାଇଁ, ଗୁଣକାର ବେଗ, ପ୍ରିୟରଞ୍ଜନ ନାୟକ, ଜ୍ୟୋତିସ୍ମାନ ମହାନ୍ତି, ଗଗନ ସ୍ୱାଇଁ, ଗୌରହରି ରାଉତ, ରମାକାନ୍ତ ମହାପାତ୍ର, ସରୋଜ ସାହୁ, ବାଇଲୋଚ଼ନ ସାହୁ, ବିକନ୍ ବାବୁ, ଏସ.ଆର. ପଟ୍ଟନାୟକ ଏବଂ ବରିଷ୍ଠ ନାଗରିକ ଅଜୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।ଏଠାରେ ଉଲ୍ଲେଖଯୋଗ୍ୟ କି ମାରୁତିକୁଞ୍ଜରେ ପ୍ରାୟ ଏକ ହଜାର ଓଡ଼ିଆ ପରିବାର ବସବାସ କରନ୍ତି । ମାରୁତି କମ୍ପାନୀ ତରଫରୁ ଜମି ମିଳିବାପରେ, ବାଧା-ବିଘ୍ନକୁ ଖାତିର ନ କରି ମାତ୍ର ଦଶ ମାସ ସମୟ ମଧ୍ୟରେ ପ୍ରବାସୀ ଓଡ଼ିଆମାନେ ଏକଜୁଟ ହୋଇ ମହାପ୍ରଭୁଙ୍କ ନିମନ୍ତେ ଏଠାରେ ଏକ ବିଶାଳ ଓ ସୁଦୃଶ୍ୟ ମନ୍ଦିର ନିର୍ମାଣ କରିବାରେ ସମର୍ଥ ହୋଇଥିଲେ । ସ୍ଥାନୀୟ ଅଧିବାସୀ ଓ ଭକ୍ତଙ୍କ ଦାନ ମନ୍ଦିର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲା ।

## ଲୋଚ଼ନ ମାଝୀ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଂଟ ଉଦଯାପିତ



ଗୋଲାମୁଣ୍ଡା (ପି ଏନ):-କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଗ୍ରୀଣ୍ଡୋଲ ମାଁ ଧାମନପୁରେନ କ୍ରିକେଟ କ୍ଲବ ତରଫରୁ ଲୋଚ଼ନ ମାଝୀ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଂଟ ଆଜି ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ଼ ରେ ମୁଖ୍ୟ ଅତିଥି ଭାବେ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ଶ୍ରୀଯୁକ୍ତ ବିନ୍ଦୁ ମହାନନ୍ଦ, ସମ୍ମାନିତ ଅତିଥି ଭାବରେ ମାନଝରୀ ସରପଂ ଶ୍ରୀଯୁକ୍ତ ଜଗଜୀବନ ଅଘ୍ରିଆ,ନାଏବ ସରପଂ ପ୍ରତିନିଧି ରଜିନ ଭାଟି ଉପସ୍ଥିତ ରହି ଦୁଇ ଦଳ ଖେଳି ମାନଙ୍କୁ ଉତ୍ସାହିତ କରିଥିଲେ ।ଆଜିକାର ଫାଇନାଲ ମ୍ୟାଚ଼ ରେ ମାନଝରୀ ଏକାଦଶ ସହିତ ଗ୍ରୀଣ୍ଡୋଲ ଏକାଦଶ ମଧ୍ୟରେ ମୁକାବିଲା ହୋଇଥିଲା ।ପ୍ରଥମେ ଟଚ଼୍ ଜିତି ମାନଝରୀ ଏକାଦଶ ବ୍ୟାଟିଂ କରିବା ପାଇଁ ନିଷ୍ପତି ନେଇ ନିର୍ଦ୍ଧାରିତ ୧୨ ଓଭର ରେ ଦୁଇ ୱେକେଟ ହରାଇ ୧୩୬ ରନ୍ ଲକ୍ଷ ଦେଇଥିଲେ ।ଗ୍ରାଣ୍ଡୋଲ ଏକାଦଶ ଏହାର ଜବାବ୍ ରେ ୧୨ ଓଭର ରେ ୯ ୱେକେଟ ହରାଇ ୯୦ ରନ ସଂଗ୍ରହ କରି ରନସ୍ ଅପ୍ ଟାଇଟେଲ ହାସଲ କରିଥିଲା । ୪୬ ରନ୍ ରେ ମାନଝରୀ ଚ଼ାମ୍ପିଅନ ଟ୍ରଫି ହାସଲ କରିଥିଲା । ଖେଳ ପରିଚ଼ାଳନା ପାଇଁ ସିନାପାଲି ବ୍ଲକ ରୁ ଦୁଇ ଜଣ ଅମ୍ପିୟାର ନାଚ଼ ଓ ଅଭିନୟ ମାଧ୍ୟମରେ ଡିସିଜନ ଦେଇ ଦର୍ଶକଙ୍କ ମନୋରଂଜନ କରିଥିଲେ । ଆୟୋଜକ କମିଟିର ସମସ୍ତ ସଦସ୍ୟ ଖେଳ ପରିଚ଼ାଳନାରେ ସହଯୋଗ କରିଥିଲେ ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray